## ମଧୁମେହ ପ୍ରତିରୋଧ ଉପରେ ଆଲୋଚନା

ଅନୁଗୋଳ ଅଫିସ, ୧୪।୧୧: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦ୍‌ଗାତା ଉପସ୍ଥିତ ରହି ମଧୁମେହର ଲକ୍ଷଣ ଉପରେ ଆଲୋକପାତ କରିଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା ମଧୁମେହର ପ୍ରତିରୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଏପିଡେମିଓଲୋଜିଷ୍ଟ ଡା. ବିନୋଦ କୁମାର ସାହୁ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବା ପାଇଁ କହିଥିଲେ। ପାରାମେଡିକାଲ ଷ୍ଟାଫ୍, ନର୍ସିଂ ଛାତ୍ରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଆଜିଠାରୁ କାର୍ଯ୍ୟରେ ଯୋଗଦେବେ ଓକିଲ

ତାଳଚେର, ୧୪।୧୧ (ନି.ପ୍ର.)- ତାଳଚେର ଓକିଲ ସଂଘ ସଭାପତି ସନ୍ତୋଷ ସାହୁଙ୍କ ଅଧକ୍ଷତାରେ ମଧୁବାବୁ ସମ୍ମିଳନୀ କକ୍ଷଠାରେ ସଂଘର ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସମସ୍ତ ସଦସ୍ୟ ଜିଲା ଜଜ୍ ଅନୁଗୋଳ ରଖିଥିବା ସର୍ତ୍ତ ଓ ଅନୁରୋଧକୁ ସମ୍ମାନ ଜଣାଇ ଏବଂ ତାଳଚେରବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ମଙ୍ଗଳବାରଠାରୁ କାର୍ଯ୍ୟରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଥିଲେ। ଉକ୍ତ ସଭାରେ ସଂଘ ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ, କୋଷାଧ୍ୟକ୍ଷ କରୁଣାକର ନାୟକ, ସାଂସ୍କୃତିକ ସମ୍ପାଦକ ରାଜେନ୍ଦ୍ର ସିଂଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କ ସହାୟତା ପାଇଁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।

### ଯୋରରେ ପଡି ବୃଦ୍ଧଙ୍କ ମୃତ୍ୟୁ

ଛେଣ୍ଡିପଦା,୧୪।୧୧(ସ୍ୱ.ପ୍ର.)- ଅନୁଗୋଳ ଜିଲା ଜରପଡା ଥାନା କୁଶକିଲା ଗ୍ରାମର ବିଦ୍ୟାଧର ଗୋଛାୟତ(୬୫)ଙ୍କ ସୋମବାର ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ଘଟଣାରୁ ପ୍ରକାଶ, ବିଦ୍ୟାଧର ଗ୍ରାମ ନିକଟସ୍ଥ ସିଂହଡା ଯୋରକୁ ଅପରାହ୍ନ ପ୍ରାୟ ୧ଟା ବେଳେ ଶୌଚ ହେବା ପାଇଁ ଯାଇଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ସିଂହଡାଯୋରରେ ସେ ମୁହଁ ମାଡ଼ି ପଡ଼ିଥିବା ଦେଖି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଛେଣ୍ଡିପଦା ପୋଲିସ ଘଟଣାର ତଦନ୍ତ ଚଳାଇଛି।

### କଳାବ୍ୟାଜ ପିନ୍ଧିଲେ ଠିକା କର୍ମଚାରୀ

ଛେଣ୍ଡିପଦା,୧୪।୧୧(ସ୍ୱ.ପ୍ର.): ଅଲ୍ ଓଡ଼ିଶା ଠିକା କର୍ମଚାରୀ ସଂଘର ଆହ୍ୱାନକ୍ରମେ ଛେଣ୍ଡିପଦା ବ୍ଲକର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀମାନେ ସୋମବାର ଠାରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ସେମାନଙ୍କୁ ସ୍ଥାୟୀ କରା ନ ଯିବାର ପ୍ରତିବାଦ ସ୍ୱରୂପ ୧୪ ତାରିଖ ଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପିନ୍ଧି କାମ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ଯଥାଶୀଘ୍ର ଠିକା କର୍ମଚାରୀଙ୍କୁ ସ୍ଥାୟୀ କର୍ମଚାରୀ ଘୋଷଣା ନ କଲେ ୨୬ ତାରିଖ ଦିନ ଠିକା କର୍ମଚାରୀମାନେ ବିଧାନସଭା ସମ୍ମୁଖରେ ଧାରଣା ଦେବେ ବୋଲି ପ୍ରକାଶ କରିଛନ୍ତି। ଛେଣ୍ଡିପଦା ବ୍ଲକ, ତହସିଲ, ବନବିଭାଗ, ଥାନାର ଡାଟା ଏଣ୍ଟ୍ରି, କେନ୍ଦୁଲିଫ, ଆଦର୍ଶ ବିଦ୍ୟାଳୟ, ସ୍ୱାସ୍ଥ୍ୟ ବିଭାଗ ଭଳି ଛେଣ୍ଡିପଦା ବ୍ଲକର ଅନେକ ସରକାରୀ କାର୍ଯ୍ୟାଳୟରେ ପ୍ରାୟ ୨୦୦କର୍ମଚାରୀ କଳାବ୍ୟାଜ ପିନ୍ଧି କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି।

# ଚାଷୀ ମୁଣ୍ଡରେ ଚଡ଼କ

■ବ୍ୟାପକ ଫସଲ ନଷ୍ଟ କରୁଛନ୍ତି ବାର୍‌ହା ପଲ
■ସ୍ଥାୟୀ ପ୍ରତିକାର କରିପାରୁନି ବନ ବିଭାଗ
■ଅନିଦ୍ରା ହୋଇ ମଞ୍ଚାରେ ଜଗିବସୁଛି ଚାଷୀ

ଛେଣ୍ଡିପଦା, ୧୪।୧୧ (ସ୍ୱ.ପ୍ର.)



ରାତି ହେଲେ ଧାନ ବିଲରେ ପଶୁଛନ୍ତି ବାର୍‌ହା ପଲ। ଏକର ଏକର ଜମିରେ ଫସଲ ନଷ୍ଟ କରୁଛନ୍ତି ଏହି ଜଙ୍ଗଲୀ ଜନ୍ତୁ। ବାରମ୍ବାର ଅଭିଯୋଗ କଲେ ମଧ୍ୟ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରୁନି ବନ ବିଭାଗ। ଏପରି କି ବାର୍‌ହା ଘଉଡ଼ାଇବାକୁ ଚାଷୀଙ୍କୁ ବାଣ, ଲାଇଟ୍ ଆଦି ଯୋଗାଇ ଦିଆଯାଉ ନାହିଁ। କ୍ଷୟକ୍ଷତିର ଉପଯୁକ୍ତ ଆକଳନ ସହ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରାଯାଉ ନାହିଁ। ଫଳରେ ଉଜୁଡ଼ା ଫସଲ ଦେଖି କରଜ କରି ଧାନ ଚାଷ କରିଥିବା ଚାଷୀ ମୁଣ୍ଡରେ ପଡୁଛି ଚଡ଼କ।

ବାର୍‌ହା ଉପଦ୍ରବକୁ ନେଇ ବର୍ଷ ବର୍ଷ ଧରି ଏପରି ହଇରାଣ ହେଉଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ଚାଷୀ। କେତେବେଳେ ହାତୀ ତ ପୁଣି ବାର୍‌ହା ଦ୍ୱାରା ଫସଲ ନଷ୍ଟ ହେଉଛି। ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଛେଣ୍ଡିପଦା ବ୍ଲକର କୋଶଳା ବହିଆଳି, ମୁଣ୍ଡାମାଳ, ଷଣ୍ଡପାଳ, ଭାଗଲକଟା, ବ୍ରାହ୍ମଣବିଲ, କଙ୍କୁରପାଳ, କମ୍ପସଲା, ବାହାଲସାହି, ଚାଙ୍ଗୁଡିଆ, ବରପଦା, କୋରଡା, କୁଶକିଲା, ତେଣ୍ଟୁଲୋଇ, ବାଲିପଟା, କିସିଣ୍ଡା, ଶିମିଳିପାଳ, ଦୁବନାଳି, ଫୁଲଝରୀ, ବସନ୍ତପୁର, ପାଟକମୁଣ୍ଡା ଆଦି ପ୍ରାୟ ୫୦ରୁ ଅଧିକ ଗ୍ରାମର ଚାଷୀ। ଜଙ୍ଗଲ ନିକଟସ୍ଥ ଜମିରେ ଏମାନେ ଚାଷ କରିଥିବାରୁ ବହୁ ସଂଖ୍ୟାରେ ବାର୍‌ହା ପଲ ଧାନ, ଚିନାବାଦାମ, ପରିବା ଫସଲ ଖାଇ ନଷ୍ଟ କରିଦେଉଛନ୍ତି। ଗତ କିଛିମାସ ହେବ କୋଶଳା ରିସର୍ଚ୍ଚ ନର୍ସରି ଚତୁଃପାର୍ଶ୍ୱରେ ଥିବା ଜମି ଗୁଡିକରୁ ବହୁ ଧାନ ଫସଲଖାଇ ନଷ୍ଟ କଲେଣି ଏହି ଜଙ୍ଗଲି ଜନ୍ତୁ। ତେଣୁ ଚାଷୀମାନେ ସେମାନଙ୍କ ଫସଲକୁ ରକ୍ଷା କରିବା ପାଇଁ ମଞ୍ଚାମାନ ତିଆରି କରି ଜଗି ରହୁଛନ୍ତି। ଗତ ଶୁକ୍ରବାର ରାତିରେ କୋଶଳା ଚନ୍ଦନ ନଗରଠାରେ ଥିବା ମୁଣ୍ଡାମାଳ ଜମିରେ ବାର୍‌ହା ପଲ ପଶି ବହୁ ଏକର ଜମିରେ ଫସଲ ନଷ୍ଟ କରିଛନ୍ତି। ଏ ନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏପରିକି ଅନେକ ଥର ବାର୍‌ହାପଲଙ୍କୁ ଘଉଡାଇବା ବେଳେ ସେମାନେ ଆକ୍ରମଣର ଶିକାର ହେଉଛନ୍ତି। ଗତ ଫେବୃୟାରୀରେ ଜରପଡା ବନାଞ୍ଚଳ ଜେରେଙ୍ଗ ଗୋପୀନାଥପୁର ଗ୍ରାମର ସନୁ ସାହୁ ଗ୍ରାମ ନିକଟସ୍ଥ ବୁଢ଼ୀ ମୁଣ୍ଡିଆ ପାହାଡ଼ ପାଖ ବଗିଚାକୁ ଯାଉଥିବାବେଳେ ବାର୍‌ହା ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ସନୁଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବସନ୍ତପୁର ଗ୍ରାମର ସ୍ୱପ୍ନେଶ୍ୱରଙ୍କ ପୁତ୍ର ବିଶ୍ୱନାଥ ସାହୁ ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ତଥାପି ଫସଲ ବଞ୍ଚାଇବାକୁ ରାତି ଅନିଦ୍ରା ହୋଇ ଜମି ନିକଟରେ ଚାଷୀମାନେ ଜଗି ବସିବାକୁ ବାଧ ହେଉଛନ୍ତି।

### ସୁରକ୍ଷା ଦେଇପାରୁନି ବନ ବିଭାଗ



ବାର୍‌ହା ପଲକୁ ଘଉଡ଼ାଇବା ପାଇଁ ବନବିଭାଗ ଆଶବ୍ୟକ ବାଣ, ଲାଇଟ ଆଦି ଯୋଗାଉନାହିଁ। ଏପରିକି ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମର ଚାଷୀଙ୍କ ଫସଲର ସୁରକ୍ଷା ପାଇଁ ବନ ବିଭାଗ ସେଭଳି ପଦକ୍ଷେପ ଗ୍ରହଣ କରୁନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧାନ ଦେବା ଆବଶ୍ୟକ।

-ଲଳିତ କୁମାର ପ୍ରଧାନ, ଚାଷୀ, ବାଲିନାଳୀ

### କ୍ଷତିପୂରଣ ଯଥେଷ୍ଟ ହେଉନାହିଁ



ବାର୍‌ହା ଉପଦ୍ରବ ଯୋଗୁ ଛେଣ୍ଡିପଦା ବନାଞ୍ଚଳରେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଉଛି। ପ୍ରତିବର୍ଷ ଚାଷୀଙ୍କ କ୍ଷତି ବଢ଼ି ବଢ଼ି ଚାଲିଛି। ହେଲେ ବନବିଭାଗ ପକ୍ଷରୁ ମିଳୁଥିବା କ୍ଷତିପୂରଣ ଯଥେଷ୍ଟ ହେଉନାହିଁ। ତେଣୁ ବିଭାଗ ପକ୍ଷରୁ ଉପଯୁକ୍ତ ଆକଳନ ସହ ଅଧିକ କ୍ଷତିପୂରଣ ଯୋଗାଇ ଦିଆଯିବା ଆବଶ୍ୟକ।

-ବାବୁଲି ପ୍ରଧାନ, ସରପଞ୍ଚ, କମ୍ପସଲା

### ପାଚିବା ଆଗରୁ ଧାନ କାଟି ନେଉଛୁ



ଚାଷ ଜମି ନିକଟରେ ମଞ୍ଚା କରି ଦିନରାତି ଜଗିରହୁଛୁ। ତଥାପି ବାର୍‌ହା ଦାଉରୁ ଫସଲକୁ ସୁରକ୍ଷା ଦେବା କଷ୍ଟକର ହୋଇପଡୁଛି। ତେଣୁ ଉପାୟଶୂନ୍ୟ ହୋଇ ବହୁ ଚାଷୀ ଧାନ ପାଚିବା ଆଗରୁ କାଟି ଖଳାକୁ ନେଇଯିବାକୁ ବାଧ ହେଉଛନ୍ତି।

-ଶରତ ବାଘ, ଚାଷୀ, ଫୁଲଝରୀ

### ଆଗାମୀ ଦିନରେ ଆନ୍ଦୋଳନ



ଦୀର୍ଘଦିନ ଧରି ଛେଣ୍ଡିପଦା ବନାଞ୍ଚଳରେ ବାର୍‌ହାପଲ ଫସଲ ନଷ୍ଟ କରୁଛନ୍ତି। ପ୍ରତିବର୍ଷ ଏ ନେଇ ଚାଷୀ କ୍ଷତି ସହି ଚାଲୁଥିଲେ ମଧ୍ୟ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ତେଣୁ ଏପରି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ ମୁଣ୍ଡ ଟେକିବ।

-ବୀରବର ସାହୁ, ଚାଷୀ, କୁକୁରପେଟା

### ଚାଷୀଙ୍କୁ ସଚେତନ କରାଯାଉଛି



ବାର୍‌ହା ଦାଉରୁ ଫସଲକୁ ସୁରକ୍ଷା ଓ ଆକ୍ରମଣରୁ ବର୍ତ୍ତିବା ପାଇଁ ବିଲରେ ପାଳଭୂତ ଏବଂ ନିଆଁ ଜାଳିବା କୌଶଳ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଚାଷୀଙ୍କୁ ସଚେତନ କରାଯାଉଛି। ଏଥିସହ କ୍ଷତିପୂରଣ ପାଇଁ ଆବେଦନ କଲେ ବିଭାଗ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଉଛି।

-ନୀଳମଣି ଦେହୁରୀ, ଭାରପ୍ରାପ୍ତ ଅଧିକାରୀ, ଛେଣ୍ଡିପଦା ବନାଞ୍ଚଳ

## ସମସ୍ୟା ସମ୍ପର୍କରେ ଆଲୋଚନା

ବଇଣ୍ଡା,୧୪।୧୧(ଡି.ଏନ.ଏ.)

କିଶୋରନଗର ବ୍ଲକ ଧଡ଼ରପାଳ ପଞ୍ଚାୟତ ନିକଟରେ ଥିବା ଗୋଣ୍ଡ କୋଠ ଘରେ ସୋମବାର ଗୋଣ୍ଡ ସମାଜର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସଦାଶିବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚକ୍ରଧର ନାୟକ, ପ୍ରଶ୍ନ ନାୟକ, ବୈକୁଣ୍ଠ ନାୟକ, ପ୍ରତିମା ଦେହୁରୀ, କର୍ଣ୍ଣ ନାୟକ, ପୀତାମ୍ବର ନାୟକଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ। ଏଥିରେ ସମାଜର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଡିସେମ୍ବର ୨୪/୨୫ରେ ହେବାକୁ ଥିବା ମହାସଭା ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା ସଭ୍ୟଙ୍କ ସହ ଆଲୋଚନା କରାଯାଇଥିଲା।



ପ୍ରସ୍ତୁତି ବୈଠକରେ ଗୋଣ୍ଡ ସମାଜ କର୍ମକର୍ତ୍ତାମାନେ।

## ଶିଶୁ ମନ୍ଦିରରେ ଶିଶୁ ଦିବସ

ଅନୁଗୋଳ ଅଫିସ, ୧୪।୧୧

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପ୍ୟାରୀମୋହନ ରାଉତ ଅତିଥିଭାବେ ଉପସ୍ଥିତ ରହି ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜୀବନୀ ତଥା ଆଦର୍ଶ ଉପରେ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ଅତିଥିଙ୍କ ପରିଚୟ ସହିତ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ବିପ୍ରଚରଣ ଦାଶ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ଧନେଶ୍ୱର ନାଏକ ଉପସ୍ଥିତ ରହି ଶିଶୁଙ୍କୁ ଉତ୍ସାହିତ କରିଥିଲେ। ଛାତ୍ର ଗୌରୀ ଶଙ୍କର ନନ୍ଦ, ଓମ୍ ପ୍ରକାଶ ବେହେରା, ଛାତ୍ରୀ ସାଇ ଜିଜ୍ଞାସା ବାରିକ, ସାଇ କରଣ ପାଲ ଶିଶୁ ଦିବସ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ।

## ଜନଶୁଣାଣି ଶିବିରରେ ୪୯ ଅଭିଯୋଗ

ଅନୁଗୋଳ ଅଫିସ, ୧୪।୧୧

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦାଖଲ ହୋଇଥିବା ସମୁଦାୟ ୪୯ଟି ଅଭିଯୋଗରୁ ୪୨ଟି ବ୍ୟକ୍ତିଗତ, ୭ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏଥିସହ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଜଣଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାଛଡ଼ା ଅଭିଯୋଗ ହୋଇଥିବା ସମୁଦାୟ ୪୯ଟି ଅଭିଯୋଗ ମଧ୍ୟରୁ ୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ସାଧାରଣତଃ ଜମିଜମା, ଭତ୍ତା, ଚିକିତ୍ସା ସହାୟତା, ବିସ୍ଥାପିତ ଲୋକଙ୍କ ସମସ୍ୟା ଓ ପ୍ରଧାନମନ୍ତ୍ରୀ ଆବାସ ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରସନ୍ନ କୁମାର ବିଶ୍ୱାଳ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।




ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ ଶୁଣାଣି କରୁଛନ୍ତି।

## ସ୍ୱାସ୍ଥ୍ୟ ସୂଚନା ପରିଚାଳନା ପଦ୍ଧତିର ଶୁଭାରମ୍ଭ

ଅନୁଗୋଳ ଅଫିସ, ୧୪।୧୧

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୁଷ୍ମାନ ଭାରତ ଅଧୀନରେ ସୂଚନା ପରିଚାଳନା ପଦ୍ଧତିର ପ୍ରଚାର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ଦ୍ୱାରା ଏହା ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅନ୍‌ଲାଇନ ସୂଚନା ଓ ତଥ୍ୟ ଡିସେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ସହ ଆଧାରକାର୍ଡ ଥିବା ପ୍ରତ୍ୟେକ ଜନସାଧାରଣଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟକାର୍ଡ ପ୍ରଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଦିଲୀପ କୁମାର ପଟ୍ଟନାୟକ ଓ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦ୍‌ଗାତା ପ୍ରମୁଖ ଯୋଗ ଦେଇଥିଲେ।




ସୂଚନା ପରିଚାଳନା ପଦ୍ଧତିର ପ୍ରଚାର କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ଅଧିକାରୀମାନେ।

## ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ବିକ୍ଷୋଭ

ଛେଣ୍ଡିପଦା,୧୪।୧୧(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତର ଧଉରାଖମଣ ସାହିକୁ ସ୍ଥାୟୀ ରାସ୍ତା ନିର୍ମାଣ ଦାବିରେ ଧଉରାଖମଣ ଗ୍ରାମବାସୀ ଓ ଏସ୍‌ୟୁସିଆଇ ପକ୍ଷରୁ ସୋମବାର ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଏକ ଦାବିପତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ, ବାଲିପଟା ପଞ୍ଚାୟତର ଧଉରାଖମଣ ସାହିରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସାହି ମଧ୍ୟକୁ ଯିବା ଆସିବା ପାଇଁ ଏକ ସ୍ଥାୟୀ ରାସ୍ତା ନ ଥିବାରୁ ବାସିନ୍ଦାମାନେ ବର୍ଷସାରା ହଇରାଣ ହେଉଛନ୍ତି। ଏ ନେଇ ସାହିର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ସୋମବାର ଛେଣ୍ଡିପଦା ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ନେତା ନବ କିଶୋର ପ୍ରଧାନଙ୍କ ପରିଚାଳନାରେ ଆୟୋଜିତ ବିକ୍ଷୋଭ ସଭାରେ ମାନସ ପାଳ, ପ୍ରତିମା ବେହେରା ପ୍ରମୁଖ ଯୋଗଦେଇ ଗ୍ରାମକୁ ଅବିଳମ୍ବେ ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ଏହାପରେ ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁଙ୍କ ଉପସ୍ଥିତିରେ ବିଡିଓ ତ୍ରିବିକ୍ରମ କୁମୁରାଙ୍କୁ ଭେଟି ରାସ୍ତା ନିର୍ମାଣ ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶୀଘ୍ର ସାହିକୁ ରାସ୍ତା ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ଗ୍ରାମବାସୀ ଓ ଏସ୍‌ୟୁସିଆଇ ପକ୍ଷରୁ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମହିଳା ମୋର୍ଚ୍ଚାର ଏତଲା

ଅନୁଗୋଳ ଅଫିସ, ୧୪।୧୧

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉପରେ ଅଶାଳୀନ ମନ୍ତବ୍ୟ ଦେଇଥିବାରୁ ପଶ୍ଚିମବଙ୍ଗ ସରକାରଙ୍କ ମନ୍ତ୍ରୀ ଅଖିଳ ଗିରିଙ୍କ ବିରୋଧରେ ଅନୁଗୋଳ ଜିଲା ଭାଜପା ମହିଳା ମୋର୍ଚ୍ଚା ତରଫରୁ ଅନୁଗୋଳ ଥାନାରେ ଏତଲା ଦିଆଯାଇଛି। ଏଥିରେ ଦର୍ଶାଯାଇଛି, ରାଷ୍ଟ୍ରପତିଙ୍କ ପ୍ରତି ଅପମାନ ସମଗ୍ର ଦେଶ ପ୍ରତି ଅପମାନ, ଜଣେ ଆଦିବାସୀ, ମହିଳାଙ୍କ ପ୍ରତି ଏଭଳି ଘୃଣ୍ୟ ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ। ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳା ମୋର୍ଚ୍ଚା ଦାବି କରିଛି। ଭାଜପା ଜିଲା ମହିଳା ମୋର୍ଚ୍ଚାର ସଭାନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ସାଧାରଣ ସମ୍ପାଦିକା ଶୁଚିସ୍ମିତା ତ୍ରିପାଠୀ, ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲା ସମ୍ପାଦିକା ନମିତା ଦଳବେହେରା ଓ ଜିଲା ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ପଙ୍କଜିନୀ ପଣ୍ଡା ପ୍ରମୁଖ ଯୋଗଦେଇ ଅନୁଗୋଳ ଥାନାରେ ଏତଲା ଦେଇଥିଲେ।



ଜିଲା ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏତଲା ଦିଆଯାଉଛି।

## ବିଜ୍ଞାନ ପ୍ରଦର୍ଶନୀ, ଖାଦ୍ୟ ମେଳା

ତାଳଚେର, ୧୪।୧୧ (ନି.ପ୍ର.)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ ଅନନ୍ତ ବିହାର ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଜଗନ୍ନାଥ କ୍ଷେତ୍ରର ଏ.ପି.ଏମ୍. ବିରଞ୍ଚି ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଭିନ୍ନ ଶ୍ରମିକ ସଙ୍ଗଠନର ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହି ଉତ୍ସବ ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ବିଜ୍ଞାନ ପ୍ରଦର୍ଶନୀ ଏବଂ ଖାଦ୍ୟ ମେଳା ଉଦ୍‌ଘାଟିତ ହୋଇଥିଲା। ବିଜ୍ଞାନ ମେଳାରେ ୧୦୫ ଗୋଟି ପ୍ରକଳ୍ପ ଛାତ୍ରୀଛାତ୍ରମାନେ ପ୍ରଦର୍ଶନ କରିଥିଲେ। ଏହି ପ୍ରକଳ୍ପଗୁଡ଼ିକ ବିଚାରକଙ୍କ ଦ୍ୱାରା ମୂଲ୍ୟାୟନ କରାଯିବା ସହିତ ଉଚ୍ଚ ପ୍ରଶଂସିତ ହୋଇଥିଲା। ଖାଦ୍ୟମେଳାରୁ ପିଲାମାନେ ଭରପୂର ମଜା ଉଠାଇଥିଲେ। ବିଦ୍ୟାଳୟ ଅଧକ୍ଷା ଜ୍ୟୋତି ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ନେହେରୁଙ୍କ ଜୀବନର ଯଶସ୍ୱୀ ଦିଗ ପ୍ରତି ଆଲୋକପାତ କରିଥିଲେ। ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ସାଂସ୍କୃତିକ ପ୍ରତିଯୋଗିତାରେ ଫକୀରମୋହନ ହାଉସ୍ ଦଳଗତ ଚାମ୍ପିୟନ ଓ ଗଙ୍ଗାଧର ହାଉସ୍ ରନର୍ସ୍ ଅପ୍ ହୋଇଥିଲେ। ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ମଞ୍ଚ ସଞ୍ଚାଳନ କରିଥିବାବେଳେ ଅଧ୍ୟାପକ ପ୍ରଭାକର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।



କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ପାଶ୍ଚାତ୍ୟକୁ ଅନୁକରଣ କରନାହିଁ

### ବିଶ୍ୱ ମଧୁମେହ ଦିବସରେ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୧୪।୧୧

ରୋଟାରି କ୍ଲବ ଅନୁଗୋଳ ରୟାଲ ଏବଂ ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ତରଫରୁ ବିଶ୍ୱ ମଧୁମେହ ଦିବସ ସ୍ଥାନୀୟ ପ୍ରଫୁଲ୍ଲ ମିଶ୍ର କମ୍ପ୍ଲେକ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଚେତନତା ଶିବିରରେ ଯୋଗଦେଇ ଭାରତୀୟ ଚିକିତ୍ସକ ସଂଘର ପୂର୍ବତନ ସଭାପତି ଡାକ୍ତର ପ୍ରଭାତ କୁମାର ପଣ୍ଡା କହିଥିଲେ ଯେ, ବର୍ତ୍ତମାନ ମଧୁମେହରେ ଭାରତର ୯ କୋଟି ସମେତ ବିଶ୍ୱର ୪୦ କୋଟି ଲୋକ ଆକ୍ରାନ୍ତ ହୋଇଛନ୍ତି। ମଧୁମେହ ଆକ୍ରାନ୍ତ ରୋଗୀ ଜୀବନବ୍ୟାପୀ ପୀଡ଼ିତ ହୋଇଥିଲେ ମଧ୍ୟ ଖାଦ୍ୟ, ବ୍ୟାୟାମ, ଔଷଧ ସେବନ ଏବଂ ନିୟମିତ ରୋଗ ପରୀକ୍ଷା କରୁଥିବା କେତେକଙ୍କ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରୁଥିବା ଜଣାପଡୁଛି। ଡାକ୍ତର କୁମାର ସୌମ୍ୟକାନ୍ତ ବିଶୋଇ କହିଥିଲେ, ଭାରତ ବର୍ଷର ଲୋକମାନେ ପାଶ୍ଚାତ୍ୟ ଦେଶକୁ ଅନୁକରଣ ନ କରି ଏହି ରୋଗରୁ କିପରି ରକ୍ଷା ପାଇବେ, ସେ ନେଇ ସଚେତନ ହେବା ଅତ୍ୟନ୍ତ ଆବଶ୍ୟକ। ପୂର୍ବପରି ଲୋକେ ପରିଶ୍ରମ କରୁ ନ ଥିବାବେଳେ ଜଙ୍କଫୁଡ୍ ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଖାଦ୍ୟ ସମେତ ଡିଜିଟାଲ ଯୁଗ ମଧୁମେହ ବୃଦ୍ଧିର ପ୍ରମୁଖ କାରଣ ବୋଲି ପୂର୍ବତନ ସଭାପତି ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ ସୂଚନା ପ୍ରଦାନ କରିଥିଲେ। ପରେ ସହରରେ ଏକ ୱାକାଥନ୍ ରାଲି ଆୟୋଜିତ ହୋଇଥିଲା। କ୍ଲବ ସଭାପତି ହରଗୋବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଜୟ ପ୍ରକାଶ ମୋଦି, ବିକାଶ ମୋଦି, ଡାକ୍ତର ମାଇକେଲ ଜନ, ପବନ ଅଗ୍ରୱାଲ, ଅଶୋକ ମଣ୍ଡୋଠିଆ, ମଧୁ ଗୁପ୍ତା, ଆରତୀ ସରଲିଆ, ମୁରାରୀ ଲାଲ ଅଗ୍ରୱାଲ, ଅମ୍ବିକା ପ୍ରସାଦ ସାହୁ, ଅନିଲ ଗୁପ୍ତା, ବାଣୀ ଦେବ, ରାଜେଶ ସରଲିଆ, ପୂଜା ମୋଦି ସହଯୋଗ କରିଥିଲେ। ଲିଙ୍ଗରାଜ ପ୍ରଧାନ, ଦେବୀଦତ୍ତ ରଥ, ବିକାଶ ସାହୁ, ସତୀଶ ଚୌଧୁରୀ, କୁରାନା ନିଧି, ଗୋବିନ୍ଦ ସାହୁ, ଅକ୍ଷୟ ବେହେରା, ରଞ୍ଜନ ବେହେରା, ନିଶିକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ବ୍ୟକ୍ତିଙ୍କ ମଧୁମେହ ପରୀକ୍ଷା କରିଥଲେ।




ବିଶ୍ୱ ମଧୁମେହ ଦିବସ ଅବସରରେ ବାହାରିଥିବା ୱାକାଥନ୍ ରାଲି।

## ସଂକ୍ଷେପରେ

### ଦୁର୍ନୀତି ରୋକିବା ଗଣମାଧ୍ୟମର ଗୁରୁଦାୟିତ୍ୱ

**ଢେଙ୍କାନାଳ ଅଫିସ, ୧୪।୧୧:** ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ବାଙ୍ଗୁରସିଂହ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ଉପାଧକ୍ଷ ଅମିତାବ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରସନ୍ନ କୁମାର ପଟ୍ଟନାୟକ, ସମ୍ପାଦକ ସତ୍ୟସ୍ୱରୂପ ଦାସ ପ୍ରମୁଖ ଯୋଗଦେଇ ଦୁର୍ନୀତି ରୋକିବାରେ ଗଣମାଧ୍ୟମ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସଂଘ ସଭାପତି ରବିନାରାୟଣ ବେହେରାଙ୍କ ସଭାପତିତ୍ୱରେ ସମ୍ପାଦକ ଜଗନ୍ନାଥ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି, ଛାତ୍ରୀଛାତ୍ର, ଶିଳ୍ପୀ, କଳାକାର, ସାମାଜିକକର୍ମୀ, କବି ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ଗୁଣ ଥିଲେ ମଣିଷ ସୁନ୍ଦର'

### 'ଆମ ପ୍ରତିଭା ଆମ ସମ୍ମାନ'ର ପ୍ରଥମ ବାର୍ଷିକ ଉତ୍ସବ

**ଢେଙ୍କାନାଳ ଅଫିସ, ୧୪।୧୧**

ଯୁବପିଢ଼ିଙ୍କ ଆଦର୍ଶ ସ୍ୱାମୀ ବିବେକାନନ୍ଦ ରୂପରେ ଯେମିତି, ଗୁଣରେ ମଧ୍ୟ ସେମିତି ଥିଲେ। ଚେହେରା ଥାଇ ଗୁଣ ନ ଥିଲେ ମଣିଷ ସୁନ୍ଦର ଲାଗେନାହିଁ। ଚେହେରା ସହିତ ସବୁ ପ୍ରକାର ଗୁଣ ଯାହା ପାଖରେ ଥିବ, ସେ ହେଉଛି ସୁନ୍ଦର ମଣିଷ ବୋଲି କହିଛନ୍ତି ବିଶିଷ୍ଟ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା। ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ 'ଆମ ପ୍ରତିଭା ଆମ ସମ୍ମାନ' ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ଓ ଶିଶୁ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି। ଦୁର୍ନୀତି ନିବାରଣ ସମ୍ପର୍କରେ ସେ କହିଲେ, ଆଜିକାଲି ବିଚାର ବିଭାଗରେ ମଧ୍ୟ ଦୁର୍ନୀତି ପ୍ରବେଶ କରିଛି । ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କୁ ଅଫିସରମାନେ ପ୍ରବଳ ଡରୁଥିଲେ। ଜଷ୍ଟିସ୍ ଗତିକୃଷ୍ଣ ମିଶ୍ରଙ୍କୁ ମଧ୍ୟ ବିଭାଗୀୟ ଅଧିକାରୀ ଭୟ କରୁଥିଲେ। ଭୟ ରହିଲେ ଦୁର୍ନୀତି ବଢ଼ିବା ସହଜ ହେବନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ସମସ୍ତଙ୍କ ସହଯୋଗ ମିଳିଲେ ଢେଙ୍କାନାଳ ରାଜ୍ୟରେ ୧ ନମ୍ବର ଜିଲା ହୋଇପାରିବ। ଅନୁଷ୍ଠାନର ପ୍ରତିଷ୍ଠାତା ଏମ୍‌ପି ମହେଶ ସାହୁ କହିଲେ, ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରୁଥିବା ଛାତ୍ରୀଛାତ୍ର, ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିବା, ସେମାନଙ୍କ ପ୍ରତିଭାର ବିକଶିତ କରି ସମ୍ବର୍ଦ୍ଧିତ କରିବା ଅନୁଷ୍ଠାନର ମୁଖ୍ୟ ଲକ୍ଷ୍ୟ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଉଦୟ କୁମାର ମହାପାତ୍ର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ ଉପସ୍ଥିତ ଥିଲେ। ପ୍ରତିଭା ସବୁଠି ଅଛନ୍ତି। ତାକୁ ଖୋଜିବାର ଶୈଳୀ ଦରକାର। ଢେଙ୍କାନାଳ ହେଉଛି ପ୍ରତିଭାର ଗନ୍ତାଘର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଅନୁଷ୍ଠାନର ଲୋଗୋ ଉନ୍ମୋଚନ କରିଥିଲେ। ଭାରତୀୟ ସଙ୍ଗୀତ ନିଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ମାହୁନ୍ତଙ୍କ ସଭାପତିତ୍ୱରେ ସମ୍ପାଦକ ଧର୍ମାନନ୍ଦ ବରାଳ, ଉପସଭାପତି କୋଦଣ୍ଡଧର ସାହୁ, ସମ୍ପାଦକ କାର୍ତ୍ତିକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜଣେ ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ଜଣେ ଶିଶୁ ପ୍ରତିଭାଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

# ଛାତ୍ରୀଛାତ୍ର ଦେଶର ଭବିଷ୍ୟତ

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୋମବାର ଶିଶୁ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଥମେ ଜବାହରଲାଲ୍ ନେହେରୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରିଚାଳନା ପରିଷଦ ସଭାପତି ନିର୍ମଳ ଚନ୍ଦ୍ର ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ସମାରୋହରେ ବିଡିଓ ଆଶିଷ ରଞ୍ଜନ ସାହୁ ଯୋଗଦେଇ ଶିଶୁ ହସିଲେ ଦେଶ ହସିବ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଭଲ ଭାବେ ଗଢ଼ିତୋଳିବା ଲାଗି ଯତ୍ନବାନ ହେବାକୁ ସେ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଶ୍ୱଖୋଲା ହାଇସ୍କୁଲର ଶିକ୍ଷକ ଅନନ୍ତ ଚରଣ ଜେନା ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା, କୌତୁକ ବେଶ, ଏକକ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ 'ଶିଶୁ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ବିଜୟ ବରାଳ, ଶିକ୍ଷକ ରବିନାରାୟଣ ବେହେରା, ଶିକ୍ଷୟିତ୍ରୀ ହିରଣ୍ମୟୀ ପଣ୍ଡା, ମଧୁମିତା ପ୍ରଧାନ, ପରିଚାଳନା ପରିଷଦ ସଦସ୍ୟ ପ୍ରମୋଦ ଚନ୍ଦ୍ର ପୋଥାଳ, ଯୁଧିଷ୍ଠିର ଗୁରୁ, ପ୍ରମୋଦ ପାତ୍ର, ସଦସ୍ୟା ପ୍ରମୋଦିନୀ ବିହାରୀ, ସୁଜାତା ଦେହୁରୀ, ରେଣୁବାଳା ଗୁରୁ, ପ୍ରଭାତୀ ନାଏକ ପରିଚାଳନା କରିଥିଲେ।

# ବିଜ୍ଞାନର ପ୍ରସାର ଦେଶ ବିକାଶର ମୂଳମନ୍ତ୍ର


କାର୍ଯ୍ୟକ୍ରମରେ ଅତିଥି ଛାତ୍ରୀଛାତ୍ରଙ୍କୁ ସୂଚନା ଦେଉଛନ୍ତି।

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ସୋମବାର ଅଟଳ ଟିଙ୍କେରିଙ୍ଗ୍ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୈଜ୍ଞାନିକ ଡ. ଆଶୁତୋଷ ରଥ କହିଲେ, ବିଜ୍ଞାନ ଶିକ୍ଷାର ପ୍ରସାର ଓ ମାନବ ସମ୍ବଳର ବିକାଶ ହିଁ ଦେଶ ବିକାଶର ମୂଳମନ୍ତ୍ର। ନିଜେ ପରୀକ୍ଷଣ କରି ପ୍ରକଳ୍ପ ପ୍ରସ୍ତୁତ କଲେ ବିଜ୍ଞାନ ବୋଧଗମ୍ୟ ହୋଇଥାଏ। ସମ୍ମାନିତ ଅତିଥି ଭାବେ ଇଂ. ରାମଚରଣ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ୩୫ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱର୍ଣ୍ଣମୟୀ ଶତପଥୀ, ଶିକ୍ଷକ ଧ୍ୟାନଚାନ୍ଦ ମିଶ୍ର, ଡ. ଦେବୀ ପ୍ରସାଦ ମିଶ୍ର, ସୁବାସ ନନ୍ଦ, ବିନୋଦ ରାଉତ, ଶିକ୍ଷୟିତ୍ରୀ କିରଣମୟୀ ମହାଳିକ, ଡ. ଅନୁପମା ମିଶ୍ର, ଦୀପ୍ତିଶ ଶତପଥୀ, ସୁନିତାବାଳା ଷଡ଼ଙ୍ଗୀ, ସ୍ୱାଗତିକା ରଥ, ସୁଜାତା ପଣ୍ଡା, କଲ୍ୟାଣୀ ବଡଜେନା, କ୍ଷୀରାବ୍ଧି ତନୟା ମହାପାତ୍ର, ସୁଚିତ୍ରା ସାହୁ, କଳ୍ପନା ବାରିକ ଅତିଥି ଭାବେ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀଙ୍କ କାନ ମୋଡ଼ିଦେଲେ ପ୍ରଧାନ ଶିକ୍ଷୟିତ୍ରୀ

- ଜିଲାପାଳଙ୍କ ନିକଟରେ ଅଭିଯୋଗ
- ଭିତ୍ତିହୀନ କହିଲେ ଜିଲା ଶିକ୍ଷାଧିକାରୀ

**ଢେଙ୍କାନାଳ ଅଫିସ, ୧୪।୧୧**

ଜେନେରାଲ ପ୍ରୋଭିଡେଣ୍ଟ ଫଣ୍ଡ (ଜିପିଏଫ୍) ପାଇଁ କରିଥିବା ଆବେଦନ ମଞ୍ଜୁର କରିବା ପାଇଁ ଯାଇଥିବାବେଳେ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ପ୍ରଧାନ ଶିକ୍ଷୟିତ୍ରୀ ଗାଳିଗୁଲଜ କରିବା ସହ କାନମୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତା ଶିକ୍ଷୟିତ୍ରୀ ଜିଲାପାଳ, ଅତିରିକ୍ତ ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସୋମବାର ଶିଶୁ ଦିବସରେ ଢେଙ୍କାନାଳ ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ଏଭଳି ଅଭିଯୋଗକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ଏହା ଭିତ୍ତିହୀନ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଜିଲା ଶିକ୍ଷାଧିକାରୀ ପ୍ରତିକ୍ରିୟାରେ କହିଛନ୍ତି।

ଅଭିଯୋଗରୁ ଜଣାପଡ଼ିଛି, ସହକାରୀ ଶିକ୍ଷୟିତ୍ରୀ ସୌଦାମିନୀ ଦେହୁରୀଙ୍କ ଝିଅ ମୁମ୍ବାଇରେ ନିଯୁକ୍ତି ପାଇଛନ୍ତି। ଝିଅଙ୍କର ମୁମ୍ବାଇ ଯିବା ଲାଗି ଅର୍ଥର ଆବଶ୍ୟକତା ପଡ଼ିବାରୁ ସେ ଜିପିଏଫ୍‌ରୁ ଅର୍ଥ ମଞ୍ଜୁର କରିବା ପାଇଁ ଆବେଦନ କରିଥିଲେ। ସୋମବାର ଆବେଦନପତ୍ରରେ ଦସ୍ତଖତ କରିବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ଦେହୁରୀଙ୍କ ପ୍ରକୋଷ୍ଠକୁ ଯାଇଥିଲେ। ତେବେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ଦେଖି ପ୍ରକୋଷ୍ଠରୁ ବାହାରି ଯାଇଥିଲେ। ୮ମ ଶ୍ରେଣୀ ଗୃହରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପାଇ ପୁନର୍ବାର ସୌଦାମିନୀ ଦସ୍ତଖତ କରିବା ପାଇଁ ନେହୁରା ହୋଇଥିଲେ। ତେବେ ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କୁ ଗାଳିଗୁଲଜ କରିବା ସହିତ କାନ ମୋଡ଼ିଦେଇ ବିଦ୍ୟାଳୟରୁ ବାହାରି ଯିବାକୁ କହିଥିଲେ। ଅପମାନିତ ହେବା ପରେ ସୌଦାମିନୀ ଜିଲାପାଳଙ୍କୁ ଭେଟିବା ପାଇଁ ଆସିଥିବାବେଳେ ସେ ସରକାରୀ କାର୍ଯ୍ୟରେ ଗଁଦିଆ ଯାଇଥିଲେ। ଏହାପରେ ଅତିରିକ୍ତ ଜିଲାପାଳଙ୍କୁ ଭେଟିବା ସହ କାର୍ଯ୍ୟାଳୟ ପରିସରରେ କାନ୍ଦି କାନ୍ଦି ଗଡ଼ିଥିଲେ। ପରେ ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କୁ ଭେଟି ଘଟଣା ସମ୍ପର୍କରେ କହିଥିଲେ। ତେବେ ଏଥିରେ ବିଫଳ ହେବା ପରେ ଅପରାହ୍ନରେ ଜିଲାପାଳଙ୍କୁ ଭେଟିଥିଲେ। ଜିପିଏଫ୍ ବାବଦ ଟଙ୍କା ତାଙ୍କୁ ମିଳିବ ବୋଲି ଜିଲାପାଳ କହିଥିବା ସୌଦାମିନୀ ସୂଚନା ଦେଇଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର ପ୍ରତିବାଦରେ ସେ ମଙ୍ଗଳବାର ଶିକ୍ଷାମନ୍ତ୍ରୀଙ୍କୁ ଭେଟି ଅଭିଯୋଗ କରିବେ ବୋଲି କହିଛନ୍ତି।

ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷୟିତ୍ରୀ କୁହନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ। ବିଦ୍ୟାଳୟର ସିସିଟିଭି କ୍ୟାମେରା ଯାଞ୍ଚ କଲେ ସବୁ ସତ ଜଣାପଡ଼ିବ। ଅଭିଯୋଗକାରୀ ଶିକ୍ଷୟିତ୍ରୀ ଭୋଟର ତାଲିକା ସଂଶୋଧନ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଏଥିଲାଗି ସେ ଛୁଟିରେ ଅଛନ୍ତି। ତାଙ୍କୁ କୌଣସି ପ୍ରକାର ଦୁର୍ବ୍ୟବହାର ପ୍ରଦର୍ଶନ କରି ନ ଥିବା କିମ୍ବା କାନମୋଡ଼ି ନ ଥିବା ସେ କହିଛନ୍ତି। ଜିଲା ଶିକ୍ଷାଧିକାରୀ କୁହନ୍ତି, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ କାନ ମୋଡ଼ି ହେଉନି । ଜଣେ ପ୍ରଧାନ ଶିକ୍ଷୟିତ୍ରୀ କିପରି ଜଣେ ଶିକ୍ଷୟିତ୍ରୀଙ୍କ କାନ ମୋଡ଼ିବେ। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସେ କହିଛନ୍ତି।

# ୭୦ ବରିଷ୍ଠଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ଭୁବନ, ୧୪।୧୧(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବରିଷ୍ଠ ନାଗରିକ ଜନସ୍ୱାର୍ଥ ଟ୍ରଷ୍ଟ ପକ୍ଷରୁ ସୋମବାର ଶ୍ରୀରାମ ମନ୍ଦିର ପରିସରରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନ ସମେତ ଆଖପାଖ ଅଞ୍ଚଳର ୭୦ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଇସିଜି, ବ୍ଲଡ୍‌ପ୍ରସର, ଡାଇବେଟିସ୍ ଆଦି ରୋଗ ପରୀକ୍ଷା କରାଯାଇଥିଲା। ଯାଜପୁର ଜିଲା ଡୁବୁରୀସ୍ଥିତ ଟାଟା ଷ୍ଟିଲ୍ ମେଡିକାଲର ଡାକ୍ତର ମୁକ୍ତିକାନ୍ତ ପରିଡ଼ା, ଡାକ୍ତର ଜ୍ୟୋତିରଞ୍ଜନ କର ଏବଂ ଅନ୍ୟ ସହକର୍ମୀମାନେ ଯୋଗଦେଇ ରୋଗୀଙ୍କୁ ସ୍ୱାସ୍ଥ୍ୟଭିତ୍ତିକ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତା ରଥ ସେଠୀ, ଦୁର୍ଗାପ୍ରସାଦ ପୃଷ୍ଟି, ସୁରେନ୍ଦ୍ର ପାତ୍ର, ଶ୍ରୀକାନ୍ତ ସାହୁ, ମାୟାଧର ପୃଷ୍ଟି, ପଣ୍ଡିତ ଗୁରୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୪୮ ଅଭିଯୋଗର ସମାଧାନ

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଜୀକୃତ ହୋଇଥିବା ମୋଟ ୬୨ ଅଭିଯୋଗ ମଧ୍ୟରୁ ୪୮ଟିର ସମାଧାନ କରାଯାଇଛି। ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ବାବଦରେ ୨ ଏବଂ ରେଡ୍‌କ୍ରସ ସହାୟତା ପାଣ୍ଠି ବାବଦରେ ଗୋଟିଏ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ, ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି. ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତନ୍ମୟ କୁମାର ଦରୱାନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ବିଡିଓ ଆଶିଷ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଅତିଥି ଏବଂ ଜେଲ ଅନ୍ତେବାସୀମାନେ।

# ଜେଲ ଅନ୍ତେବାସୀଙ୍କୁ ଦକ୍ଷତାବୃଦ୍ଧି ତାଲିମ

**ଢେଙ୍କାନାଳ ଅଫିସ, ୧୪।୧୧**

ଢେଙ୍କାନାଳ ୟୁକୋ ବ୍ୟାଙ୍କ ପରିଚାଳିତ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନ ପକ୍ଷରୁ ଜିଲା କାରାଗାର ଅନ୍ତେବାସୀଙ୍କୁ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୬ଦିନ ଧରି ଚାଲିବ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜେଲ ଅଧୀକ୍ଷକ ପ୍ରସନ୍ନ କୁମାର ସାହୁ, ଏଲ୍‌ଡିଏମ୍ ସନୋଜ କୁମାର ସିଂ, ପ୍ରତିଷ୍ଠାନର ନିର୍ଦ୍ଦେଶିକା ବିଶ୍ୱ ଭାରତୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତେବାସୀଙ୍କୁ ଜିଆଖତ, ଛତୁଚାଷ, ଫିନାଇଲ, ବ୍ଲିଚିଂ ପାଉଡର, ହ୍ୟାଣ୍ଡୱାଶ, ପାମ୍ପଡ଼, ଆଚାର ପ୍ରସ୍ତୁତି ବିଷୟରେ ତାଲିମ ଦିଆଯାଇଥିଲା। ଅନୁଷ୍ଠାନର ପ୍ରଶିକ୍ଷକ ଚିନ୍ମୟ ଜେନା, ଅଫିସ ସହାୟିକା କାଦମ୍ବରୀ ମହାଖୁଡ ଶିବିର ପରିଚାଳନା କରୁଛନ୍ତି।

# ୨୬ ଛାତ୍ରୀଛାତ୍ରଙ୍କୁ ଦାୟିତ୍ୱ

### ବାଜି ରାଉତ କଲେଜରେ ବିଜେଡିର କ୍ୟାମ୍ପସ କମିଟି ଚୟନ

**ଭୁବନ, ୧୪।୧୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଛାତ୍ର ବିଜେଡି ପକ୍ଷରୁ ସୋମବାର କ୍ୟାମ୍ପସ କମିଟି ଚୟନ କରାଯାଇଛି। ଏଥିରେ ୨୬ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆବାହକ ଭାବେ ଆର୍ଯ୍ୟାନ ବର୍ଦ୍ଧନ, ସହ ଆବାହକ ଜଗନ ଜ୍ୟୋତି ନାୟକ, ଜଗନ୍ନାଥ ସ୍ୱାଇଁ, ବଳରାମ ସ୍ୱାଇଁ, ସୋହନ ଶୁଭମ୍ ସେନ୍, କିଶୋରଜିତ୍ ପୃଷ୍ଟି, ସ୍ୱାଗତିକା ରାଉତ, ସାଂସ୍କୃତିକ ପ୍ରତିନିଧି ଅନିମା ଦତ୍ତ, ଅଙ୍କିତା ସିଂ, ଓମ୍‌ପ୍ରକାଶ ଦାସ, ସୂର୍ଯ୍ୟକାନ୍ତ ବେହେରା, ସାମାଜିକ କାର୍ଯ୍ୟକ୍ରମ ପ୍ରତିନିଧି ସିପୁଲ ଦାସ, ଯୁଧିଷ୍ଠିର ନାୟକ, ଦିବ୍ୟାଂଶୁ ବେହେରା, ପ୍ରତିଭା ସାହୁ, ହେଲ୍ପଡେସ୍କ ପ୍ରତିନିଧି ଶୁଭପ୍ରଭା ଆଚାର୍ଯ୍ୟ, ଶିବୁଲ ସାହୁ, ଚିତ୍ତରଞ୍ଜନ ସାହୁ, ଗିରିଜା ଶଙ୍କର ସାହୁ, ହଷ୍ଟେଲ ଆବାହକ ପ୍ରଭୁ ପ୍ରସାଦ ସାହୁ, ଡେ' ସ୍କଲାର ସୋସାଇଟି ପାଇଁ ପ୍ରଭାତ ସାହୁ, ଦିବ୍ୟାଶ୍ରୀ ଦିବ୍ୟଶକ୍ତି ବେହେରା, ସୋସିଆଲ ମିଡିଆ ଦାୟିତ୍ୱରେ ଶ୍ରୁତିରାଣୀ ବେହେରା, କାଳୀଚରଣ ମହାନ୍ତ, ଗିରୀଶ ସାଥୁଆମହାପାତ୍ର, ମାନେଶ୍ୱର ବେହେରାଙ୍କୁ ଦାୟିତ୍ୱ ଦିଆଯାଇଛି।

ଭୁବନ ଛାତ୍ର ବିଜେଡି ସଭାପତି ବୁବୁ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କ୍ୟାମ୍ପସ କମିଟି ଚୟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସମ୍ପାଦକ ସଞ୍ଜୀବ କୁମାର ପୃଷ୍ଟି ଯୋଗଦେଇ ବିଧିବଦ୍ଧ ଭାବେ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିବା ସହ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ବାଜି ରାଉତ ଏବଂ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କଲେଜରେ ଶାନ୍ତିଶୃଙ୍ଖଳା ରକ୍ଷା, ସୁସ୍ଥ ବାତାବରଣ ସୃଷ୍ଟି, ସ୍ୱଚ୍ଛତା ଏବଂ ସମସ୍ୟା ସମାଧାନ ଦିଗରେ ଏହି କମିଟି କାର୍ଯ୍ୟ କରିବାକୁ ସଂକଳ୍ପବଦ୍ଧ ହୋଇଛି।


ବିଜେଡି କ୍ୟାମ୍ପସ କମିଟିରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ।

# ପିଲାମାନେ ହେଉଛନ୍ତି ପ୍ରକୃତ ସମ୍ପଦ

### ଶୁଭାରମ୍ଭ ହେଲା 'ସମ୍ଭବ'

**ଢେଙ୍କାନାଳ ଅଫିସ, ୧୪।୧୧**

ପିଲାମାନେ ହେଉଛନ୍ତି ପ୍ରକୃତ ସମ୍ପଦ। କିଶୋରୀ, କିଶୋର, ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ପିତାମାତା, ଶିକ୍ଷକମାନେ ବିଶେଷ ଯତ୍ନବାନ ହେବା ଜରୁରୀ। ଚରିତ୍ର ଗଠନ, ସଂସ୍କାରଧର୍ମୀ ଶିକ୍ଷା ପିଲାଙ୍କୁ ମାନସିକସ୍ତରରେ ସୁଦୃଢ଼ କରିବ। ଫଳରେ ସେମାନେ ସମସ୍ତ ପରିସ୍ଥିତିକୁ ସହଜରେ ମୁକାବିଲା କରିପାରିବେ ବୋଲି କହିଛନ୍ତି ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ। ସ୍ଥାନୀୟ ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଶିଶୁ ଦିବସରେ ଆକାଂକ୍ଷିତ କାର୍ଯ୍ୟକ୍ରମ 'ସମ୍ଭବ'ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ନିଜ ବକ୍ତବ୍ୟରେ ଏହା କହିଥିଲେ।



'ସମ୍ଭବ'ର ଲୋଗୋକୁ ଉନ୍ମୋଚନ କରାଯାଉଛି।

ଜିଲାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏକ ରିସୋର୍ସ ଦଳ ଗଠନ କରାଯିବ। ଉକ୍ତ ଦଳର ସଦସ୍ୟମାନେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବେ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଜିଲାର ୮ ବ୍ଲକର ୧୮ ସ୍କୁଲକୁ ଚିହ୍ନଟ କରାଯାଇଛି। ଉକ୍ତ ରିସୋର୍ସ ଦଳ ସମ୍ପୃକ୍ତ ବିଦ୍ୟାଳୟ ଗସ୍ତ କରି ଛାତ୍ରୀଛାତ୍ରଙ୍କ ସହି ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶ ଉପରେ ବନ୍ଧୁତ୍ୱପୂର୍ଣ୍ଣ ଆଲୋଚନା କରିବେ। ସେମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଶିକ୍ଷାଦାନ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ, ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୌଦାମିନୀ ସାହୁ, ମିଶନ ଶକ୍ତି ଡିପିସି ମୋନାଲିସା ଭଞ୍ଜ, ୟୁନିସେଫ୍ ଓ ଆକ୍ସନଏଡ୍ ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ଅତିଥିମାନେ 'ୱି କ୍ୟାନ୍ ବ୍ରିଙ୍ଗ୍ ଦି ଚେଞ୍ଜ' ଲେଖାଥିବା 'ସମ୍ଭବ' ଲୋଗୋକୁ ଉନ୍ମୋଚନ କରିଥିଲେ। ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିବାବେଳେ ସମଗ୍ର ଶିକ୍ଷା ଅଭିଯାନର ଜେଣ୍ଡର କୋଅର୍ଡିନେଟର ପ୍ରଦୀପ୍ତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

